# କୋଣାର୍କ

● ଭଞ୍ଜକିଶୋର ପଟ୍ଟନାୟକ
(୧୯୨୨-୧୯୯୯)

**ଲେଖକ ପରିଚୟ :**

*ସ୍ୱାଧୀନତା ପରବର୍ତ୍ତୀକାଳର ଓଡ଼ିଆ ନାଟକ ଓ ଏକାଙ୍କିକା ସ୍ରଷ୍ଟାଙ୍କ ମଧ୍ୟରେ ଭଞ୍ଜକିଶୋର ପଟ୍ଟନାୟକ ଅନ୍ୟତମ। ସେ କଟକ ଜିଲ୍ଲାର ସାଲେପୁର ନିକଟବର୍ତ୍ତୀ ଛଣିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। କିରାଣୀ ବୃତ୍ତି କରିଥିବା ଭଞ୍ଜକିଶୋର ପ୍ରବୃତ୍ତିରେ ଥିଲେ ନାଟ୍ୟ ରଚୟିତା କଳାକାର। ତାଙ୍କ ରଚିତ ନାଟକ ଗୁଡ଼ିକ ମଧ୍ୟରେ ଝଡ଼ରାତି, ପ୍ରେମପୁଷ୍ପ, ପରିଣତି, ଦେବୀ, ମାଣିକଯୋଡ଼ି, ଜୟମାଲ୍ୟ, ଅଗ୍ନିପରୀକ୍ଷା, ସାଆନ୍ତଘର, ଏ ଯୁଗର ଝିଅ, କାଶ୍ମୀର ବେଗମ୍ ଗୁଲନାର ଆଦି ଉଲ୍ଲେଖଯୋଗ୍ୟ। ସେ ରଚନା କରିଛନ୍ତି ବାଣହରଣ, ଅଗ୍ନିପତଙ୍ଗ, କୋଣାର୍କ, ଘରଣୀ, ମାଇଲଖୁଣ୍ଟ, ବାଜିରାଉତ ଆଦି ଏକାଙ୍କିକା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ନାଟକ ରଚନା ପାଇଁ ସେ ପୁରସ୍କୃତ ହୋଇଛନ୍ତି।*

*'କୋଣାର୍କ' ଏକାଙ୍କିକାରେ କୋଣାର୍କ ମନ୍ଦିରର ଦଧିନଉତି ବସିବା ପ୍ରସଙ୍ଗ ନାଟ୍ୟାୟିତ। ଜାତି ପାଇଁ ବାଳକ ଧରମାର ଆତ୍ମୋତ୍ସର୍ଗ, ମା' ଠାରୁ ପୁଅର ବିଦାୟଜନିତ କାରୁଣ୍ୟ ଓ ଶିଳ୍ପୀର କଳାକୁଶଳତା ପ୍ରଭୃତି ଚିତ୍ରିତ।*

---

### ପ୍ରଥମ ଦୃଶ୍ୟ

[ ଚନ୍ଦ୍ରଭାଗା ତୀର—ସୂର୍ଯ୍ୟୋଦୟ। ସୂର୍ଯ୍ୟଙ୍କୁ ନମସ୍କାର କଲେ ନରସିଂହ ଦେବ—ପାଖରେ ଛିଡ଼ାହୋଇଥା'ନ୍ତି ଶିବେଇ ସାନ୍ତରା ଓ ରକ୍ଷୀ ପ୍ରଭୃତି। ]

ନରସିଂହ – ଦେଖିଲ. . . . . ତୁମେ ଦେଖିଲ ଶିବେଇ ?

ଶିବେଇ – ଦେଖିଲି ଛାମୁ, ଅପୂର୍ବ–

ନରସିଂହ – ବାସ୍ତବିକ୍ ଅପୂର୍ବ ! ଅପୂର୍ବ ଏ ଦୃଶ୍ୟ ! ସୂର୍ଯ୍ୟଦେବ ଯେପରି ସମୁଦ୍ର ବକ୍ଷରୁ ଲମ୍ଫ ପ୍ରଦାନ କରି ଆକାଶରେ ଉଦିତ ହୋଇଛନ୍ତି। ଏ ଦୃଶ୍ୟ ବୋଧହୁଏ ମୋ' ଜୀବନରେ ଅପାସୋରା ରହିଯିବ।

ଶିବେଇ – ଛାମୁ ସୌନ୍ଦର୍ଯ୍ୟର ପୂଜାରୀ।

ନରସିଂହ – ଶୁଣ ଶିବେଇ, ଆଜିର ଏ ଶୁଭ ପ୍ରଭାତରେ ମା'ଙ୍କର ଶେଷ ଇଚ୍ଛା ମୋର ମନେ ପଡୁଛି। ହଁ ଶିବେଇ, ଛାୟା ମହାଦେବୀଙ୍କର ଶେଷ ଅନୁରୋଧ ଥିଲା– ଏଇ ଚନ୍ଦ୍ରଭାଗାରେ ମୁଁ ଯେପରି ଏକ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରେ।

ଶିବେଇ – ଯେ'ତ ଅତି ମହତ୍ ଇଚ୍ଛା ଛାମୁ !

ନରସିଂହ – ତା' ଛଡ଼ା .. ଉତ୍କଳରେ ବହୁ ମନ୍ଦିରର ପ୍ରତିଷ୍ଠା ହୋଇଛି; କିନ୍ତୁ ସୂର୍ଯ୍ୟ ଦେବତାଙ୍କର ଉପାସନା ପାଇଁ ଗୋଟିଏ ସୁଦ୍ଧା ମନ୍ଦିର ହୋଇନାହିଁ।

ଶିବେଇ – ସତ୍ୟ ଛାମୁ।

ନରସିଂହ – ଜାଣ ଶିବେଇ, ସୂର୍ଯ୍ୟଙ୍କୁ ପୂଜାକରି ଶାମ୍ବ ଦୁରାରୋଗ୍ୟ କୁଷ୍ଠ ବ୍ୟାଧିରୁ ମୁକ୍ତ ହୋଇଥିଲେ। ସୂର୍ଯ୍ୟଦେବ ହିଁ ସ୍ୱୟଂ ନାରାୟଣ। ( ଆକାଶକୁ ଚାହିଁ ) ଏଇ ପୁଣ୍ୟ ପ୍ରଭାତରେ ପବିତ୍ର ସୂର୍ଯ୍ୟବଂଶର ଦାୟାଦ ମୁଁ, ତାଙ୍କୁ ହିଁ ସାକ୍ଷୀରଖି ପ୍ରତିଜ୍ଞା କରୁଛି, ମନ୍ଦିର ଏଇଠି ତୋଳା ହେବ– ଆଉ ସେ ମନ୍ଦିର ହେବ କାରୁକାର୍ଯ୍ୟରେ ଉତ୍କଳର ସର୍ବଶ୍ରେଷ୍ଠ କୀର୍ତ୍ତି ! !

ଶିବେଇ - ସମ୍ରାଟ ପରମ ଧାର୍ମିକ, ମହାନୁଭବ। ସମ୍ରାଟଙ୍କର ଜୟ ହେଉ।

ନରସିଂହ – ଶିବେଇ, ତୁମେ ମୋର ଅତି ବିଶ୍ୱାସୀ। ଆଜି ତୁମରି ହସ୍ତରେ ଏ ବିରାଟ ଦାୟିତ୍ୱ ମୁଁ ଅର୍ପଣ କରୁଛି। ସମୁଦ୍ରର ଛାତି ଉପରେ ଏଇ ପଦ୍ମତୋଳା ଗଣ୍ଡ ଉପରେ ହିଁ ମନ୍ଦିର ତୋଳା ହେବ। କାରିଗରୀ କୌଶଳରେ, ରୂପର ଗରିମାରେ ଏଇ ମନ୍ଦିର ହେବ ସାରା ବିଶ୍ୱରେ ଅଦ୍ୱିତୀୟ ! !

ଶିବେଇ – ତାହା ହିଁ ହେବ ସମ୍ରାଟ ! ଛାମୁଙ୍କ ଆଦେଶ ଅବଶ୍ୟ ପାଳିତ ହେବ। ଏ ନଗଣ୍ୟ ପ୍ରଜା ଶିବେଇ ସାନ୍ତରା ଉପରେ ଅତୁଟ ବିଶ୍ୱାସ ରଖି, ମଣିମା ତା'ର ଜୀବନକୁ ଧନ୍ୟ କରିଛନ୍ତି।

ନରସିଂହ – ଆସ ଶିବେଇ, ଅନ୍ୟ ସମୟରେ ଆଲୋଚନା କରାଯିବ। ବର୍ତ୍ତମାନ ବିଳମ୍ବ ହେଉଛି। (ଶିବେଇ ମୁଣ୍ଡ ନୋଇଁଲେ)।

[ ସମସ୍ତଙ୍କର ପ୍ରସ୍ଥାନ ]

( ପଟ ପରିବର୍ତ୍ତନ )

## ଦ୍ୱିତୀୟ ଦୃଶ୍ୟ

[ ବିଶୁ ମହାରଣାଙ୍କ ଘର। କାନ୍ଦି କାନ୍ଦି ପ୍ରବେଶ କଲା ଧରମା ]

ଧରମା – ମା'....... ମା' !

ଧରମା ମା' – (ଆସି, ପୁଅର ବିରସ ବଦନ ଦେଖି) ତୋର କ'ଣ ହେଲାରେ ପୁଅ ? କାହିଁକି କାନ୍ଦୁଛୁ ବାପ ?

ଧରମା – ମା', ଗୋଟେ କଥା ପଚାରିବି। ମତେ ସତ କହିବୁ ?

ଧରମା ମା' – ଭଲା ବାୟାଟାଏ–ହଉ କହିବି ...... କହ।

ଧରମା – (ମୁଣ୍ଡ ହଲାଇ) ... ଉହୁଁ ... ସେ କଥା ହବନି। ତୁ ମୋ ଦିହ ଛୁଇଁ କହ; ସତ କହିବୁ, ମିଛ କହିବୁନି।

ଧରମା ମା' – କ'ଣ କହିଲୁରେ ଧରମା ! ମୁଁ ତୋ ଦିହ ଛୁଇଁବି ! ମୋ ଏକୋଇର ବଳା ବିଶିକେସନ, ଲକ୍ଷେ ଦିଅଁ ପୂଜି ତତେ ପାଇଛି । ମା' ହେଇ ଫେର ମୁଁ ତୋ ଦିହ ଛୁଇଁବି ! ବାପରେ, ମୁଁ ପଛେ ମରିଯାଏଁ, ଜିଇଁବଞ୍ଚି ତୁ ଯୁଗ ରାଇଜ କର, ତୋ ବାପର ନାଁ ରଖ ।

ଧରମା – (ଗଦ୍‌ଗଦ୍ ହୋଇ) ହୁଁ, 'ବାପର ନାଁ ରଖ ।' କିଏ...କିଏ ମୋ ବାପା ? କାହାନ୍ତି ସେ ? ମୋ' ହେତୁ ପାଇଲା ଦିନୁଁ ତୁ ଖାଲି ଇଆଡୁ ସିଆଡୁ କହି ଭଣ୍ଡେଇ ଦେଉଛୁ । ହେଲେ ଆଜି ଛାଡ଼ିବିନି । କହ ମା'–

ଧରମା ମା' – (ପୁଅର ମନ କଷ୍ଟ ଜାଣି) ମୋ ମୁଣ୍ଡ ଖାଇବୁ ଧରମା । କ'ଣ ହେଇଚି କହିଲୁ ? ତୋ ମୁଣ୍ଡରେ ଏ ସବୁ କଥା...

ଧରମା – ମା' ! (ଆଖିରେ ଲୁହଧାର)

ଧରମା ମା' – ଛି ବାପ, କହିଲେ ସିନା ଜାଣିବି......

ଧରମା – ସତ କହ ମା'.....ମୋ ବାପା କାହାନ୍ତି.....

ଧରମା ମା' – ବାପା...ବାପା ଅଛନ୍ତି । ଶୁଣ, ଆଜି ତତେ ସବୁ କଥା କହିବି । ନ ହେଲେ ତୋ ଟିକି ମନରୁ ଦୁଃଖ ଦୂର ହେବ କେମିତି ? (ଦୀର୍ଘନିଃଶ୍ୱାସ ଛାଡ଼ି) ବାର ବର୍ଷ ହୋଇଗଲା । ତୁ ଜନ୍ମ ହୋଇ ନ ଥାଉ । ମଣିମାଙ୍କ ଡାକରା ପାଇ ସେ କୁଆଡ଼େ ଯାଇଛନ୍ତି, କଅଣ କରୁଛନ୍ତି, ମୁଁ ଜାଣେନି ବାପ ! ହେଲେ (ଆପଣା ଆଖିରୁ ଲୁହ ପୋଛି) ହେଲେ.....ମୋ ମନ କହୁଛି, ଯୋଉଠି ପଛକେ ଥାଆନ୍ତୁ–ସେ ଭଲରେ ଅଛନ୍ତି–ଜିଇଁକରି ଅଛନ୍ତି–ଠାକୁରେ ଦୟାକଲେ ନିଷ୍ଚେ ଘରକୁ ଫେରି ଆସିବେ ।

ଧରମା – ଆଚ୍ଛା, ମା'...ବାପା କ'ଣ ବଡ଼ କାରିଗର ?

ଧରମା ମା' – ବଡ଼ କ'ଣରେ ପୁଅ ! ..... ବହୁତ ବଡ଼ । ତୋ ବାପାଙ୍କଠୁଁ ବଳି ବଡ଼ କାରିଗର ଏ ମୁଲକରେ ଆଉ କେହି ନାହିଁ ।

ଧରମା – (ଖୁସିରେ) ଠାକୁରେ କରନ୍ତୁ, ମୋ ବାପା ଭଲରେ ଘରକୁ ଫେରନ୍ତୁ ।

(ବାହାରୁ ଜଣେ ଆଗନ୍ତୁକର ପାଟି ଶୁଭିଲା)

ଆଗନ୍ତୁକ – ଘରେ କିଏ ଅଛ, ଟିକେ ଶୁଣିବ ?

ଧରମା ମା' – କିଏ ଡାକୁଚ ?

ଧରମା – ମୁଁ ଦେଖିଆସେ । (ପ୍ରସ୍ଥାନ)

ଧରମା ମା' – ୟେ କ'ଣ ! ମୋ ଡାହାଣ ଆଖି ଇମିତି ନାଚି ଉଠୁଚି କାହିଁକି ?

ଧରମା – (ଆଗନ୍ତୁକଙ୍କୁ ଡାକି ଆଣି) ଆସ ମଉସା ! ଇଏ ମୋ ମା' । କ'ଣ ବାତେନି ଆଣିଚ ପରା–ତାକୁଇ କହ ।

ଧରମା ମା' – କିଏ ତୁମେ ବାବା ? କାହାକୁ ଖୋଜୁଚ ?

ଆଗନ୍ତୁକ – ମା', ତୁମେ ବିଶୁ ମହାରଣାଙ୍କ ଗୃହିଣୀ ତ ?

ଧରମା ମା' – ହଁ ବାବା, କହ। ସେଇଠି ବସ–

ଆଗନ୍ତୁକ – ଓ ହୋ ! (ଥକ୍‌କା ହୋଇ) ପଚାରି ପଚାରି ବହୁତ କଷ୍ଟରେ ତୁମ ଘରକୁ ଆସିଚି ମା' !

ଧରମା ମା' – ତୁମେ ଠିକ୍ ଜାଗାରେ ପହଞ୍ଚିଚ ବାବା ! ଏବେ କ'ଣ କହିବାର ଅଛି କୁହ।

ଆଗନ୍ତୁକ – କହିବି ଯେ–(ଟିକେ ଚାରିଆଡ଼କୁ ଚାହିଁ) ହେଲେ କଥାଟା କାନକୁ ଦି'କାନ ହୋଇ ପ୍ରଘଟ ହୋଇଯାଏ ଯଦି –ଯେ ରଜା ଘର କଥା ମା', ମୋ ମୁଣ୍ଡ ରହିବନି।

ଧରମା ମା' – ମୋତେ ଯେତେବେଳେ ମା' ବୋଲି ଡାକିଚ, ମନରେ ଭୟ ନରଖି କୁହ।

ଆଗନ୍ତୁକ – କଥା କ'ଣ କି ମା', ଚନ୍ଦ୍ରଭାଗାଠି ମହାର୍ଜା ଦେଉଳ ତୋଳଉଛନ୍ତି। ବାରବର୍ଷ ହୋଇଗଲା, ବାରଶ' ବଢ଼େଇ ଦିନ ନାଇଁ, ରାତି ନାଇଁ କାମରେ ଲାଗିଛନ୍ତି–ହେଲେ...(ପୁଣି ସବୁଆଡ଼କୁ ଚାହିଁବା)

ଧରମା ମା' – ହେଲେ ? ...ଡରନା, କୁହ ! ତୁମ କଥା ଶୁଣିଲା ବେଳୁ ମୋ ଛାତି ଭିତରଟା ଯେମିତି କ'ଣ ହେଇ ଯାଉଚି...

ଆଗନ୍ତୁକ – କିଛି ନାହିଁ ମା'... ଦେଉଳ ତୋଳା ସରିଯାଇଛି।
(ଧରମା ମା' ଶାନ୍ତିରେ ନିଃଶ୍ୱାସ ମାରିଲେ) ହେଲେ ଦଧିନଉତି ବସିନି। ହଁ ମା', ଅସଲ ମୁଣ୍ଡି ମରିପାରୁନି।

ଧରମା ମା' – ମରି ପାରୁନି ?

ଆଗନ୍ତୁକ – ନା, ବିଶୁ ମହାରଣା ଭଳି କାରିଗର ଥକି ପଡ଼ିଲାଣି। ତା'ର ବଳ, କଳ, କୌଶଳ ସବୁ ହାରମାନିଚି।

ଧରମା – (ଆଶ୍ଚର୍ଯ୍ୟରେ) କ'ଣ କହିଲ ମଉସା, ବାପା ହାରିଗଲେ !

ଆଗନ୍ତୁକ – ତା ଛଡ଼ା ଆଉ ଉପାୟ କ'ଣ ? ସବୁକାମ ସରିଲା, ହେଲେ ଦେଉଳର ଅସଲ ଚୂଳି ମରା ହେଇ ପାରୁନି ! କ'ଣ ଯେ ହେଲା ସେଇ ଚକାଡୋଳାଙ୍କୁ ଜଣା। ମଣିଷର ବିଦ୍ୟା ବୁଦ୍ଧି ସବୁ ବିଫଳ ହେଇଛି।

ଧରମା ମା' – ବଡ଼ ଆଶ୍ଚର୍ଯ୍ୟ କଥା କହୁଚ ବାବା !

ଧରମା – ମୂଳଦୁଆରେ କୋଉଠି କ'ଣ ଦୋଷ ରହିଯାଇଚି ବୋଲି ଭାର ସମାନ ରହୁନି।

ଆଗନ୍ତୁକ – (ଚମକି) ଆରେ ବାଃ, ଏଡ଼େ ବକଟେ ପିଲା; ଏତେ ଅନୁମାନ ! ଯେ ବିଶୁ ମହାରଣାଙ୍କ ପୁଅ ନା ?

ଧରମା ମା' – ହଁ ବାବା, ସେଇ ଗୋଟିକ ତ ଠାକୁରେ ଆମକୁ ଦେଇଚନ୍ତି।

ଆଗନ୍ତୁକ – ଖୁବ୍ ଭଲ ହେଇଛି। କୁଳ ରହିଲେ ସବୁ କଥା ସିନା...

ଧରମା ମା' – ଇମିତି କ'ଣ କହୁଚ ବାବା !

ଆଗନ୍ତୁକ – ଏ ପୁଅ, ତୋ ନାଁ କଅଣଟି ?

ଧରମା – ଧର୍ମପଦ। ମତେ ସମସ୍ତେ ଧରମା ଡାକନ୍ତି।

ଆଗନ୍ତୁକ – (ଖୁସିହେଲେ) ହଉ, ହଉ, ବାପ ଧରମୁ, (ତା' ଓଠରେ ହାତମାରି) ମୋ' ଧନ, ଯା' ଶୁଣୁଚୁ, କାହାରି ଆଗରେ ଏକଥା ଫିଟେଇବୁ ନାହିଁ ! ନାଇଁତ, ସେ ବାରଶ' ବଢ଼େଇଙ୍କ ସାଙ୍ଗରେ ମୋ ମୁଣ୍ଡ ବି କଟିଯିବ।

ଧରମା ମା' – କ'ଣ ହେଲା ? ବାରଶ ବଢ଼େଇଙ୍କ ମୁଣ୍ଡ କାଟ ହେବ ?

ଆଗନ୍ତୁକ – (ଧୀର ସ୍ୱରରେ) ମହାର୍ଜା ଯୋଉ ଦିନକୁ କଷ୍ଟ ଦେଇଛନ୍ତି, ସେଇଦିନ ସୁଦ୍ଧା ଦେଉଳର ଚୂଳି ନମାରି ପାରିଲେ, ସବୁ ବଢ଼େଇଙ୍କ ମୁଣ୍ଡକାଟ ହେବ। ସବୁ ଜାଣୁଚ ମା' ....... ମହାର୍ଜାଙ୍କ ଆଦେଶ କେହି କ'ଣ ଅମାନ୍ୟ କରିପାରିବ ?

ଧରମା ମା' – (ଭୟରେ ପ୍ରାଣ ଥରି ଉଠିଲା) ହେ ପ୍ରଭୁ, ଶେଷରେ ପୋଡ଼ା ଭାଗ୍ୟରେ ଏଇୟା ଥିଲା ! ବାରବର୍ଷ କାଳ ଆମ ମା' ପୁଅ ଦି'ଟାଙ୍କୁ ନିଆଶ୍ରୀ କରି ଯିଏ ଘର ମୁହଁ ଚାହିଁନାହାନ୍ତି–ସିଆଡ଼େ ସିଆଡ଼େ ତାଙ୍କର ମୁଣ୍ଡକାଟ ହେବ ? ଆଉ ଆମର ଦେଖା ବି ହବନାହିଁ ?

ଆଗନ୍ତୁକ – ହଉ ମା'...ମୁଁ ବାହୁଡ଼ିଯାଉଛି। ଯିବା ଆଗରୁ ଖାଲି ଏତିକି କହି ଯାଉଛି, ତୁମ କୁଳରେ ଯଦି ଆଉ କେହି ଭଲ କାରିଗର ଥାଏ; ତାକୁ ଚନ୍ଦ୍ରଭାଗାଠିକୁ ପଠାଇବ। କାଳେ ଚକାଡୋଳାଙ୍କ ଅନୁଗ୍ରହ ଥିବ ! ଚକାଡୋଳା ହେ, ତୁମରି ଇଚ୍ଛା ପୂର୍ଣ୍ଣ ହେଉ !

(ଯାଉଚି ବାପ, ଆ'–(ଧୀରେ ଧୀରେ ପ୍ରସ୍ଥାନ)

ଧରମା ମା' – (ଧରମାକୁ କୋଳକୁ ଟାଣି କାନ୍ଦି କାନ୍ଦି) ବାବୁରେ, ମତେ ତ କିଛି ବାଟ ଦେଖା ଯାଉନି। କାହାକୁ ପଚାରିବି ? କାହାକୁ ପଠେଇବି ? ମତେ ତ ଚାରିଆଡ଼ ଅନ୍ଧାର ଦିଶୁଛି। ତାଙ୍କ ପରା ମଣିଷ ଯୋଉଠି ହାରିଗଲେ, କିଏ ଆଉ ଅଛି ଯେ ଦେଉଳର ମୁଣ୍ଡି ମାରିବ ?

ଧରମା – କାଇଁକି, ମୁଁ ପରା ଅଛି ! ତୁ ଭାବନା କରନି ମା'। ବାପର ପୁଅ ମୁଁ, ଦେଉଳ ମୁଣ୍ଡି ମୁଁ ମାରିଦେବି।

ଧରମା ମା' – (ଆଶ୍ଚର୍ଯ୍ୟ ହୋଇ) ତୁ !

ଧରମା – ହିଁ ମା', ମୁଁ ବିଶୁ ମହାରଣାର ପୁଅ। କେବେହେଲେ ହାରିବନି ! ବଡ଼ ଠାକୁର ତା'ର ସାହା ହେବେ।

ଧରମା ମା' – ଧ-ର-ମା ! କ'ଣ କହୁଚୁରେ ତୁ ? ଛୁଆଟାଏ–ହାତରେ ଖାଇ ଶିଖିନୁ ଯେ ଗଣ୍ଡାଏ ଖୁଆଇ ଦେଲେ ଯାଇ ଖାଉଚୁ–

ଧରମା – ଶୁଣିନୁ ମା', ଟିକିଛୁଆ ଅଭିମନ୍ୟୁ କି ବୀରପଣିଆ ଦେଖେଇଲା ! ଧ୍ରୁବ, ପ୍ରହ୍ଲାଦ ଟିକି ପିଲା ହେଇ...

ଧରମା ମା' – ନା-ନା, ମୋ ଆଖି ଆଗରୁ ତତେ କୁଆଡ଼େ ଛାଡ଼ିଦେବିରେ ବାପ ! ତୋ ବାପା ଗଲେ, ତୁ ଯିବୁ; କାହା ମୁହଁ ଚାହିଁ ଆଉ ଏଠି ପଡ଼ି ରହିବି ?

ଧରମା – ମୁଁ ନଗଲେ ବାରଶ' ବଢ଼େଇଙ୍କ ଜୀବନ କିମିତି ରହିବ ? ହାଣ ମୁହଁରୁ ବାପାଙ୍କୁ ବଞ୍ଚେଇବା କ'ଣ ମୋ କାମ ନୁହେଁ ମା' ?

ଧରମା ମା' – ମୋ ମନ ଜମାରୁ ବୁଝୁନିରେ ବାପ ! ନାଇଁ, ନାଇଁ ଯିବୁ ଯଦି ମତେ ତୋ ସାଙ୍ଗରେ ନେ।

ଧରମା – ନାଇଁ ମା', ସେମିତି କହନା। ମୁଁ କାଲି ସକାଳୁ ବାହାରି ଯିବି। ତୁ ମତେ ଖାଲି କଲ୍ୟାଣ କର, ମୋ ବାପାଙ୍କୁ ମୁଁ ଫେରାଇ ଆଣିବି।

ଧରମା ମା' – ବାପାରେ, ତତେ ଆଉ ମୁଁ କ'ଣ କହିବି ! ମୋ ଛାତି ଫାଟି ଯାଉଛି–

ଧରମା – ଦମ୍ଭ ଧର ମା', ସବୁ ଠିକ୍ ହୋଇଯିବ। (ଟିକେ ରହି) ଆଚ୍ଛା ମା', ବାପା ତ ମୋତେ ଦେଖିନାହାନ୍ତି, ଚିହ୍ନା ଦେଲେ ସେ ଯଦି...

ଧରମା ମା' – ଚିହ୍ନିବେନି ! ନିଶ୍ଚେ ଚିହ୍ନିବେ। ରକ୍ତ କ'ଣ ରକ୍ତକୁ ଟାଣିବନି ! ହଉ ତୁ ଯା'–କାଲି ସକାଳୁ ମଙ୍ଗଳା ମା'ଙ୍କୁ ସୁମରଣା କରି ଅନୁକୂଳ କରି ଯିବୁ। ତୋ ହାତରେ ଆମ ବାଡ଼ିର କୋଳି ଆଉ ଏଇ ମୁଦି ପଠାଇବି। ଦେଖିଲେ ସେ ଠିକ୍ ଚିହ୍ନିବେ।

ଧରମା – ହଉ, ତୁ ଚାଲ, ମତେ ଆଗ ଗଣ୍ଡାଏ ଖାଇବାକୁ ଦବୁ।

( ପଟ ପରିବର୍ତ୍ତନ )

## ତୃତୀୟ ଦୃଶ୍ୟ

[ ଚନ୍ଦ୍ରଭାଗା ତୀର। ନିକଟରେ ଚୂଳବିହୀନ କୋଣାର୍କ ମନ୍ଦିର ଦେଖାଯାଉଚି। ବିଶୁ ମହାରଣା ଏକାକୀ ପଦଚାରଣା କରୁଥିଲା। ]

ବିଶୁ – ଏ କାଳରାତି କ'ଣ ପାହିବ ? (ଦୀର୍ଘନିଃଶ୍ୱାସ) ଘରଦ୍ୱାର, ସ୍ତ୍ରୀ-ପୁତ୍ର ସମସ୍ତଙ୍କୁ ଛାଡ଼ି ବାର ବର୍ଷକାଳ ଲୁହ ଲହୁ ଢାଳି ଯୋଉ କାମରେ ହାତ ଦେଇଥିଲି, ତା' ପୂର୍ଣ୍ଣ ହୋଇ ପାରିଲାନି। ଆଜି ଏଇ ଚୂଳବିହୀନ ମନ୍ଦିର ଯେମିତି ଭାସ୍କର କୁଳର ମଉଡ଼ମଣି ବିଶୁ ମହାରଣାକୁ ଉପହାସ କରି କହୁଚି– "ବିଶୁ, ତୁ ହାରି ଯାଇଚୁ। ସମୁଦ୍ର ଭିତରେ ପଥର ଖଞ୍ଜି ଯେଉଁ ବିରାଟ ଦେଉଳ ଛିଡ଼ା କରିଚୁ, ତାର ଦଧିନଉତି ନାହିଁ।" (ଦୀର୍ଘନିଃଶ୍ୱାସ–ନିକଟରେ କାହାର ପାଦଶବ୍ଦ...) କିଏ ?... କିଏ ସେଠି ? (ବାଳକକୁ ଦେଖି) କିଏ ରେ ପିଲା ? ତୁ ବି କ'ଣ ବିଶୁ ମହାରଣାକୁ ଥଟ୍ଟା କରିବାକୁ ଆସିଚୁ ?

ଧରମା – ନା, ବାବା !

ବିଶୁ – ବାବା, ଆଃ, କି କଅଁଳ, କି ମଧୁର ତୋର ଡାକ ! ଡାକ ବାପ, ଆଉ ଥରେ ମୋତେ ସେଇ ବାବା ବୋଲି ଡାକ।

ଧରମା – ବାବା !

ବିଶୁ – (ଏକାନ୍ତେ) ସେ ଠିକ୍ ୟାରି ବୟସର, ୟାରି ପରି ହୋଇଥିବ। ଆଃ, ଖାଲି ସ୍ୱପ୍ନ-ହୁଏତ ଦୁଃସ୍ୱପ୍ନ ! (ପ୍ରକାଶ୍ୟେ) ଏଠି ତୋର କି କାମ ?

ଧରମା – ନା, ବାବା ! ଏଇ ଦେଉଳକୁ ଦେଖୁଥିଲି। ସାରାଦିନ ଖାଲି ଦେଉଳ ଆଡ଼େ ଚାହିଁରହିଚି।

ବିଶୁ – କ'ଣ କହିଲୁ ! ସାରାଦିନ ?

ଧରମା – ହଁ ବାବା, କି ସୁନ୍ଦର କାରୁକାର୍ଯ୍ୟ ! ନିହାଣ ମୁନରେ ଓଡ଼ିଆ କାରିଗର ଯେମିତି ପଥର ଦିହରେ ଜୀବନ ଦେଇଛି, ମୁଁ ଆଖି ଫେରେଇ ପାରୁନି !

ବିଶୁ – ହେଲେ, ଯାହାର ମୁଣ୍ଡ ନାହିଁ, ତା' ପିଣ୍ଡରେ ଜୀବନ କୁଆଡୁ ଆସିବ ?

ଧରମା – କୁହ ତ ବାବା, ଦଧିନଉତି ବସି ପାରୁନି କାହିଁକି ?

ବିଶୁ – ସେ କଥା ଯଦି ମୁଁ କହିପାରନ୍ତି, ତା'ହେଲେ ଭାବନା ଆଉ କ'ଣ ଥିଲା ?

ଧରମା – ସତ ଯେ–ହେଲେ ମୁଁ ଭାବୁଚି...

ବିଶୁ – ଏଁ, ତୁ ଭାବୁଚୁ ? କ'ଣ ଭାବୁଚୁ ? ଏଡ଼େ ବକଟେ ପିଲା। ତୁ ଫେର୍–

ଧରମା – ପିଲା ହେଲେ ବି ମୁଁ ଓଡ଼ିଆ କାରିଗର ପିଲା।

ବିଶୁ – (ଧରମାକୁ ଭଲଭାବେ ଚାହିଁ) ସତେ ? ଆଚ୍ଛା, ତୁ କ'ଣ ଭାବୁଚୁ ଶୁଣେ।

ଧରମା – ମୁଁ ଭାବୁଚି, ଦେଉଳର ଘନ କେନ୍ଦ୍ର ସହିତ ଦଧିନଉତି ଗୋଟିଏ ସରଳରେଖାରେ ରହିପାରୁନି। କୋଉଠି କିଛି ଗୋଟାଏ ଦୋଷ ରହିଯାଉଚି।

ବିଶୁ – ଆଶ୍ଚର୍ଯ୍ୟ ! କଏ ରେ ତୁ ? ତୁ ପୁଣି ବିଶୁ ମହାରଣାର ବିଚାରରେ ତ୍ରୁଟି ବାହାର କରୁଚୁ ! ତୋ'ର ଏଡ଼େ ସ୍ପର୍ଦ୍ଧା !

ଧରମା – କ୍ଷମାକର ବାବା, କାରିଗର ପିଲା ତ; ବେଳେବେଳେ ପୋଥିପତ୍ର ଦେଖେ।

ବିଶୁ – ଅସମ୍ଭବ ! ଅସମ୍ଭବ ! ତୁ ଗୋଟାଏ ମାୟାବୀ। ମତେ ଆଘାତ ଦେବାକୁ ଆସିଚୁ।

ଧରମା – ମତେ ଆଦେଶ ଦିଅ ବାବା, ଥରେ ଚେଷ୍ଟା କରି ଦେଖେଁ।

ବିଶୁ – ନା, ନା, 'ବାବା' 'ବାବା' ଡାକି ତୁ ମତେ ଛଳିବାକୁ ଆସିଛୁ। ତତେ ଟିକିଏ ସ୍ନେହ କଲି ବୋଲି ତୁ ଭୁଲ ଧରିବୁ ମୋର ? ବିଶୁ ମହାରଣାର ପୁଣି ଭୁଲ୍ ?

ଧରମା – ମଣିଷର ଭୁଲ ହୁଏ ବାବା ! ତୁମ ପାଦ ଧରୁଚି, ମତେ ଖାଲି ଥରେ ସୁଯୋଗ ଦିଅ।

ବିଶୁ – ନା, କେବେ ନୁହେଁ।

(ଶିଳ୍ପୀଗଣଙ୍କର ପ୍ରବେଶ)

୧ମ ଶିଳ୍ପୀ – ଆରେ ବିଶୁଭାଇ ! ତୁ ଆସି ଏଇଠି ? ଆଉ ଭାବିଲେ କଅଣ ହେବ ! ଆମ ସାଙ୍ଗରେ ଆ, ଆଜି ରାତିଟା ସମସ୍ତେ ଏକାଠି ସାଙ୍ଗ ହୋଇ ଖାଇପିଇ ଖୁସିରେ କଟାଇବା। ରାତି ପାହିଲେ ତ ମୁଣ୍ଡକାଟ।

୨ୟ ଶିଳ୍ପୀ – ହଁ ଭାଇ, କାଲି ତ ମରିବା କଥା, ଏତିକିବେଳୁ ମରି ଲାଭ କ'ଣ ? ଶେଷଥର ପାଇଁ ମଉଜ କରିବା ଚାଲ।

ବିଶୁ – ଭାଇମାନେ, ଏ ଛୁଆଟିକୁ ଦେଖୁଚ ? ଏ ବାଚାଳ କହୁଚି ଦେଉଳର ଚୂଳି ମାରିଦେବ।

ଶିଳ୍ପୀଗଣ – କ'ଣ କହୁଚ ବିଶୁଭାଇ ! ଏଇ ମେଞ୍ଚଡ଼ ଟୋକା ଖଣ୍ଡକ !

ଧରମା – ଆପଣମାନେ ଆଜ୍ଞା ଦେଲେ ମୁଁ ଥରେ ଚେଷ୍ଟା କରିବି।

୨ୟ ଶିଳ୍ପୀ – ଥରେ କାହିଁକିରେ ବାପ' ଏ ରାତିଟା ସାରା–ଯେତେ ଥର ପାରୁ, ଚେଷ୍ଟାକର।

୧ମ ଶିଳ୍ପୀ – ବିଶୁ ଭାଇ, କ'ଣ କହୁଚୁ କହ ?

ବିଶୁ – ମୁଁ ଖାଲି ଭାବୁଚି; ଏ ସାମାନ୍ୟ ବାଳକ ଯଦି ଚୂଳି ମାରିଦିଏ, ତା'ହେଲେ ଆମେ ଆଉ କାହାକୁ ମୁହଁ ଦେଖାଇବା ? ଆମ ମାନ-ମହତ କ'ଣ ଆଉ ରହିବ ?

ଧରମା – ଯେ କି କଥା କହୁଚ ବାବା ! ଓଡ଼ିଆ କାରିଗରର ମାନ ରଖିବାକୁ ମୁଁ ପଣ କରି ଆସିଛି। ଆପଣମାନଙ୍କ ଜୀବନରକ୍ଷା ହେବା ସଙ୍ଗେ ସଙ୍ଗେ ଦେଉଳ ବି ମୁଣ୍ଡି ମରିଯିବ। ମହାର୍ଜା ଖୁସି ହେବେ।

୩ୟ ଶିଳ୍ପୀ – ଏ ପିଲା ତ ଠିକ୍ କଥା କହୁଛି। ଇମିତି ମରିବା, ସିମିତି ବି ମରିବା, ଶେଷ ଚେଷ୍ଟାକରି ଦେଖାଯାଉ, କ୍ଷତି କଅଣ ? ଯା' ରେ ବାବୁ। ଆମେ ସମସ୍ତେ ରାଜି। ଯଦି ପାରିବୁ ଦେଉଳର ଚୂଳି ମାରି ଏ ଜାତିର ମାନ ତୁ'ଇ ରଖ।

ଧରମା – ସେଇ କଲ୍ୟାଣ ମୋତେ କର ମଉସା। (ବିଶୁ ଓ ଅନ୍ୟମାନଙ୍କୁ ନମସ୍କାର କରି) ଠାକୁରେ, ତୁମେ ମୋର ଭରସା। ଜୟ ଜଗନ୍ନାଥ। (ପ୍ରସ୍ଥାନ)

ବିଶୁ – ଏ କି ପରୀକ୍ଷା ? ମୋ ଦକ୍ଷିଣ ବାହୁ ଘନ ଘନ କମ୍ପି ଉଠୁଚି କାହିଁକି ? କିଏ ଏହି ବାଳକ ? ପ୍ରଭୁ, ତୁମେ ତା'ର ସାହା ହୁଅ।

୩ୟ ଶିଳ୍ପୀ – ଚାଲ ଭାଇମାନେ, ସେ ପିଲା ଯାହା କରୁଚି କରୁ, ଆମର ଖାଇପିଇ ଶୋଇପଡ଼ିବା ଚାଲ। (ପ୍ରସ୍ଥାନ)

( ପଟ୍ଟ ପରିବର୍ତ୍ତନ )

## ଚତୁର୍ଥ ଦୃଶ୍ୟ

[ ଚନ୍ଦ୍ରଭାଗା ତୀର। ରାତି ପାହିଆସୁଛି। ଅଦୂରେ କୋଣାର୍କ ମନ୍ଦିରର ଦଧିନଉତି ବସିଛି। ମୁଣ୍ଡି ମରିଯାଇଛି। ଧରମା ଓ ବିଶୁ ମହାରଣା କଥାବର୍ତ୍ତା ହେଉଥିଲେ ]

ଧରମା – କ'ଣ ଭାବୁଚ ବାବା ?...

ବିଶୁ – ନା...

ଧରମା – ତୁମେ କ'ଣ ଖୁସି ନୁହଁ ମୋ କାମରେ ?

ବିଶୁ – ହେଲେ...ତୁ କିଏ ? ତୁ କ'ଣ ସ୍ୱର୍ଗରୁ ଦେବଦୂତ ଏଇ ମାଟିକୁ ଓହ୍ଲାଇଆସିଚୁ ? ସତ କହ, ବିଶୁମହାରଣାର ସାରା ଜୀବନର ସାଧନାକୁ ବିଦ୍ରୂପ କରି କିଏ ତୁ ମୋ ଆଗରେ ଛିଡ଼ା ହୋଇଚୁ ? (ଧରମାକୁ ଧରି ଝୁଙ୍କାଇ ଦେବା)

ଧରମା – (ବାପାଙ୍କ ଗୋଡ଼ ଧରି) କ୍ଷମାକର ବାବା, ମୁଁ ଧରମା– (ଆଖିରେ ଲୁହ) ତୁମରି ପୁଅ।

ବିଶୁ – ମୋ ପୁଅ ! (ତଳୁ ଉଠାଇ ଆଦରରେ) ଆଃ, କି ଶାନ୍ତି, କି ଆନନ୍ଦ...ନା, ନା, ମିଛ କଥା–ମୋ ପୁଅ ଯାଇ କେତେ ଦୂରରେ–ସେ ଜନ୍ମ ହେବା ଆଗରୁ ମୁଁ ଘରୁ ଆସିଥିଲି– ବାରବର୍ଷ ପୂରିଗଲା–ଏଠି ସେ କୁଆଡୁ ଆସିବ !

ଧରମା – ଦେଖ ବାବା, ମା' ମୋ ହାତରେ ଆମ ବାଡ଼ିର କୋଳି ଆଉ ଏଇ ମୁଦି ଦେଇଚି ! (ଦେଖାଇବା)

ବିଶୁ – ଧରମୁ ! କି ଭାଗ୍ୟ ମୋର ! ଆଜି ମୋ ଆଖି ପବିତ୍ର ହେଲା ରେ ବାପା !

ଧରମୁ – (ଖୁସିରେ) ବାବା !!

ବିଶୁ – ହଁ ବାପ, ମୋରି ପୁଅ ବୋଲି ତୁ ବାପର ତ୍ରୁଟି ସୁଧାରି ପାରିଚୁ। ଅସାଧ୍ୟକୁ ସାଧନ କରିଚୁ। ଆ', ଆ'ରେ ଧନ ମୋର, ମୋ କୋଳକୁ ଆ'। ତତେ ଆଲିଙ୍ଗନ କରି ମୁଁ ତୃପ୍ତିଲାଭ କରେ ! (ଧରମାକୁ ଆଲିଙ୍ଗନ କଲା, ପ୍ରବେଶ କଲେ ଶିଳ୍ପୀଗଣ)

୧ମ ଶିଳ୍ପୀ – ସବୁ ଠିକ୍ ହେଲା ଯେ ବିଶୁଭାଇ ! ଆମେ ସମସ୍ତେ ତୋତେ ଗୋଟାଏ କଥା ପଚାରିବାକୁ ଆସିଚୁ !

ଶିଳ୍ପୀଗଣ – ମରୁ–ପ୍ରଳୟ ହୋଇଯାଉ–ତୋଠୁଁ ଆମେ ଉତ୍ତର ଚାହୁଁ !

୨ୟ ଶିଳ୍ପୀ – ଏ ବାରଶ' ବଢ଼େଇରେ ଦାୟ ନା ପୁଅରେ ଦାୟ ?

ଧରମା – ବାରଶ' ବଢ଼େଇରେ ଦାୟ ! ଏକା ଧରମା ମରିଗଲେ କିଛି କ୍ଷତି ନାହିଁ। ସବୁ ଦିନକୁ ଏ ଶିଳ୍ପୀକୁଳ ବଞ୍ଚିରହୁ।

ବିଶୁ – (ଚିତ୍କାର କରି) ନା, ନା, ତତେ ମୁଁ ଜମା ପାଖରୁ ଛାଡ଼ିବିନି। ଦେଖେ, କାହାର ଏତେ ଶକ୍ତି ବାପଠୁଁ ପୁଅକୁ ଛଡ଼େଇ ନେବ ?

ଶିଳ୍ପୀଗଣ – ବିଶୁ, ତୁ କ'ଣ ପାଗଳ ?...

ଧରମା – ବାବା, ମୋତେ ପାଦଧୂଳି ଦିଅ, ମୋ ଦେଶ ଆଉ ଜାତି ପାଇଁ ମୁଁ ଜୀବନ ଦେବି। ମୋ ମା'କୁ କହିବ, ବାପର ନାଁ ରଖି ମୁଁ ଚାଲିଯାଉଚି। ଗର୍ବ କରିବ–କେବେ କାନ୍ଦିବ ନାଇଁ। ମୁଁ ସିନା ତା'ର ଗୋଟିଏ ପୁଅ, ସେ ଆଜି ଆମ କାରିଗରକୁଳର ମା'। ବିଦାୟ ବାବା, ବିଦାୟ ଜନ୍ମଭୂମି !

(ସମୁଦ୍ରରେ ଝାସଦେବା)

(ଯବନିକା)

## ପ୍ରଶ୍ନାବଳୀ

### ସଂକ୍ଷିପ୍ତ ଉତ୍ତରମୂଳକ :

୧. ଛାୟାଦେବୀ ନରସିଂହ ଦେବଙ୍କୁ କି ଅନୁରୋଧ କରିଥିଲେ ?

୨. ଶାମ୍ବ ସୂର୍ଯ୍ୟପୂଜା କରିଥିଲେ କାହିଁକି ?

୩. ଶିବେଇ ସାନ୍ତରା କାହିଁକି ତାଙ୍କର ଜୀବନ ଧନ୍ୟ ହୋଇଚି ବୋଲି ମନେ କଲେ ?

୪. ଧରମାର ମା' ତା' ବାପା ସମ୍ପର୍କରେ କ'ଣ କହିଲେ ?

୫. ଆଗନ୍ତୁକ ଧରମା ମା'କୁ କି ଖବର ଦେଲେ ?

୬. ଧରମାକୁ ତା' ମା' କୋଣାର୍କ ଯିବାକୁ ଛାଡୁ ନ ଥିଲେ କାହିଁକି ?

୭. ଧରମା ଆଗନ୍ତୁକଙ୍କ କଥାରେ କୋଣାର୍କ ଯିବାକୁ ବାହାରିବାର ମୁଖ୍ୟ କାରଣ କ'ଣ ।

୮. ବିଶୁ ଧରମାକୁ ପ୍ରଥମେ ନିଜର ପୁଅ ବୋଲି ଭାବିପାରିଲେନି କାହିଁକି ?

୯. ଶିଳ୍ପୀମାନେ ଧରମାକୁ ଶେଷ କରିଦେବାକୁ ଚାହିଁବାର କାରଣ କ'ଣ ?

୧୦. "ବାରଶ ବଢ଼େଇରେ ଦାୟ"ର ଅର୍ଥ କ'ଣ ?

୧୧. ଧରମା ଚରିତ୍ରର ବିଶେଷତ୍ୱ ଲେଖ ।

୧୨. ବିଶୁ ମହାରଣାର ଚରିତ୍ର ସଂକ୍ଷେପରେ ବର୍ଣ୍ଣନା କର ।

୧୩. "ଆଜି ରାତିଟା ଏକାଠି ସାଙ୍ଗ ହୋଇ ଖାଇ ପିଇ ଖୁସିରେ କଟାଇବା"– କହିବା ଫଳରେ ଶିଳ୍ପୀ ମନର କେଉଁ ଭାବନା ପ୍ରକାଶ ପାଇଛି ?

### ତୁମପାଇଁ କାମ :

୧୪. କୋଣାର୍କ ଏକାଙ୍କିକାକୁ ଶ୍ରେଣୀଗୃହରେ ଶିକ୍ଷକଙ୍କ ସହାୟତାରେ ଅଭିନୟ କର ।

୧୫. ଭଞ୍ଜକିଶୋର ପଟ୍ଟନାୟକଙ୍କ ଅନ୍ୟାନ୍ୟ ଲେଖା ସଂଗ୍ରହ କରି ପଢ଼ ।

୧୬. କୋଣାର୍କ ପରିଦର୍ଶନ କରି ତୁମ ଅନୁଭୂତି ସଂପର୍କରେ ସହପାଠୀମାନଙ୍କ ସହ ଆଲୋଚନା କର ।

◆